# ପିଲାମାନଙ୍କ ପାଇଁ ବାଇବଲ

## ଉପହାର

# ଯୀଶୁ ଏକ ମହାନ ଶିକ୍ଷକ




ଲେଖକ: Edward Hughes

ଦୃଷ୍ଟାନ୍ତ: Byron Unger; Lazarus

ଅନୁବାଦକ: Prasanta Bhuyan

ଉପଯୋଜକ: E. Frischbutter; Sarah S.


କାହାଣି ୬୦ ରୁ ୪୨


**www.M1914.org**

***Bible for Children,*** *PO Box 3, Winnipeg, MB R3C 2G1 Canada*



ଅନୁମତି ପତ୍ର: ଏଠାରେ ଥିବା ସବୁ କାହାଣୀର ଅବିକଳ ନକଲ ଅବା ପ୍ରିଣ୍ଟ କରିବାକୁ ଆପଣଙ୍କର ଅଧିକାର ଅଛି,
ଯେଉଁ ପର୍ଯ୍ୟନ୍ତ ଆପଣ ଏହାକୁ ବିକ୍ରୀ କରନ୍ତି ନାହିଁ ।


ଓଡ଼ିଆ

Oriya



ଯୀଶୁ ଏକ ମହାନ ଶିକ୍ଷକ ଥିଲେ, ଜଗତରେ ଜନ୍ମିଥିବା ସମସ୍ତ ଗୁରୁ ମାନଙ୍କ ମଧ୍ୟରୁ ସେ ସବୁଠୁ ଉତ୍ତମ । ଲୋକ ଗହଳି ତାଙ୍କ ବାକ୍ୟ ଶୁଣୁଥିଲେ ।





ଯୀଶୁ ସେମାନଙ୍କୁ ଦୟାଳୁ ହୋବାକୁ କହିଲେ, ଉତ୍ତମ ଓ ଦୟା । ଅନ୍ୟାମାନେ ସେମାନଙ୍କୁ ଘୃଣା ଓ କ୍ଷତି ମଧ୍ୟ କରିପାରନ୍ତି ମାତ୍ର ପରମେଶ୍ୱର ସେମାନଙ୍କର ଯତ୍ନ ନେବେ ।


ଯୀଶୁ ଅନେକ ବିଷୟରେ
ଶିକ୍ଷା ଦେଲେ । ସେ କହିଲେ
ମହମ ଯେପରି ଏକ ଗୃହକୁ
ଆଲୋକିତ କରେ ଠିକ୍
ସେହିପରି ଈଶ୍ୱରଙ୍କ
ଲୋକମାନେ ଜଗତକୁ
ଆଲୋକିତ କରିବା
ଆବଶ୍ୟକ । ମହମ ଏକ
ଅନ୍ଧାର ଘରେ କି ପ୍ରକାରର
ପ୍ରଭେଦ ଆଣିଥାଏ ।
3


ଯୀଶୁ ଯେଉଁ ଲୋକମାନଙ୍କୁ କଥାହେଲେ ସେମାନେ ପ୍ରତିଶୋଧ ଉପରେ
ବିଶ୍ୱାସକାରୀ । ଚକ୍ଷୁ ପରିବର୍ତ୍ତେ ଚକ୍ଷୁ, ଦନ୍ତ ବଦଳରେ ଦନ୍ତ ।
କିନ୍ତୁ ଯୀଶୁ ଦୟା, କ୍ଷମା ଓ ପ୍ରେମ
ଏପରି କି ଶତ୍ରୁମାନଙ୍କୁ
ମଧ୍ୟ ଦେଖାଇବାକୁ
ଶିଖାଇଲେ ।
4


ଯୀଶୁଙ୍କ ସମୟରେ, କେତେକ ଲୋକ ନିଜକୁ
ଅତୀ ପବିତ୍ର ଭାବରେ ପ୍ରକାଶ କରୁଥିଲେ ।
ଯେତେବେଳେ ସେମାନେ ଦାନ କରନ୍ତି
ସୋମାନେ ତୂରୀ ବଜାନ୍ତି ଯେପରି ଉପସ୍ଥିତ
ସମସ୍ତେ ସେମାନଙ୍କୁ ଦେଖିପାରନ୍ତି ।
5


ଅଜ୍ଞାତ ଭାବରେ ଦାନ କର, ଓ
ପରମେଶ୍ୱର ତୁମ୍ଭମାନଙ୍କୁ ପୁରସ୍କୃତ
କରିବେ,ଯୀଶୁ କହିଲେ ।
6


ଯୀଶୁ ପ୍ରାର୍ଥନା ବିଷୟରେ ମଧ୍ୟ ସେହିପରି
ଶିଖାଇଲେ । କେତେକ ଲୋକ ଗହଳି
ମଧ୍ୟରେ, ଛକକୋଣରେ ଛିଡ଼ା ହୋଇ ପ୍ରାର୍ଥନା
କରିବାକୁ ଭଲ ପାଉଥିଲେ ଯେପରି ଅନେକେ
ସେମାନଙ୍କୁ ଦେଖିବେ ଓ ଶୁଣିପାରବେ ।
7


ସେମାନେ ପରମେଶ୍ୱରଙ୍କ ବିଷୟରେ ଚିନ୍ତା କରୁ
ନଥିଲେ ବରଂ ଲୋକମାନେ ସେମାନଙ୍କ ବିଷୟରେ
ଯାହା ଚିନ୍ତା କରୁଛନ୍ତି ତାହା ଉପରେ ସର୍ବଦା ଧ୍ୟାନ
ଦେଉଥିଲେ । ଯୀଶୁ ସେମାନଙ୍କୁ କପଟୀମାନେ
ଡାକିଲେ, ସେମାନେ ଲୋକ ଦେଖାଇବା ପାଇଁ
ସେହିସବୁ କରନ୍ତି ।
8

ଯୀଶୁ ଅନେକ ସମୟରେ ପ୍ରକୃତିକୁ ବ୍ୟବହାର କରି ନିଜର ଶିକ୍ଷାକୁ ବ୍ୟାଖ୍ୟା କରୁଥିଲେ । ଉଦାହରଣ ସ୍ୱରୁପେ, ସେ ପକ୍ଷୀ ମାନଙ୍କୁ ଦେଖାଇ କହିଲେ, ତୁମ୍ଭର ସ୍ୱର୍ଗବାସୀ ପିତା ସେମାନଙ୍କୁ ଖାଦ୍ୟ ଯୋଗାନ୍ତି, ସେ କହିଲେ । ବ୍ୟସ୍ତ ହୁଅ ନାହିଁ । ପରମେଶ୍ୱର ତୁମ୍ଭମାନଙ୍କୁ ମଧ୍ୟ ଆହାର ଯୋଗାଇବେ ।



9

ରାଜା ସଲୋମନ ସୁଦ୍ଧା ଆପଣାର ସମସ୍ତ ଐଶ୍ୱର୍ଯ୍ୟରେ ଏଗୁଡ଼ିକ ମଧ୍ୟରୁ ଗୋଟିକ ପରି ବିଭୂଷିତ ନଥିଲେ । ଯଦି ପରମେଶ୍ୱର ଜମିରେ ଥିବା, ଯୀଶୁ କହିଚାଲିଲେ ।



10

ଯେବେ ପରମେଶ୍ୱର ଘାସକୁ ସୁନ୍ଦର ବେଶ ଦିଅନ୍ତି ତେବେ ସେ ତୁମ୍ଭମାନଙ୍କୁ କି ଅଧିକ ନିଶ୍ଚିତ ରୁପେ ବସ୍ତ୍ର ନ ଦେବେ, ଯୀଶୁ ସେମାନଙ୍କୁ ପରମେଶ୍ୱରଙ୍କ ଉପରେ ଭରଷା କରିବାକୁ ଶିଖାଉଥିଲେ ଯେ କି ଆମର ସମସ୍ତ ଆବଶ୍ୟକତାକୁ ପ୍ରଦାନ କରନ୍ତି ।



11

ଯୀଶୁ କହିଲେ, ଯଦି ତୁମ୍ଭେ ଆପଣା ଭାଇକୁ ବିଚ଼ାର କର, ତେବେ ନିଜ ଆଖିରେ କଡ଼ିକାଠ ରଖି, ନିଜ ଭାଇର ଆଖିରୁ କୁଟାଖଣ୍ଡିକ ବାହାର କରିବା ସଂଙ୍ଗେ ସମାନ ଅଟେ । ହୋଇପାରେ ଲୋକମାନେ ମୁରୁକି ହସିଥାଇ ପାରନ୍ତି, କିନ୍ତୁ ସେମାନେ ତାହାର ଯଥାର୍ଥ ଚ଼ିନ୍ତା କରିବା ଆବଶ୍ୟକ ଥିଲା ।



12



ଯୀଶୁ କହିଲେ, ଲୋକମାନେ ନିଶ୍ଚିତ ଭାବରେ ସାହାଯ୍ୟ ନିମନ୍ତେ ପରମେଶ୍ୱରଙ୍କୁ ପ୍ରାର୍ଥନା କରିବା ଆବଶ୍ୟକ । ଜଗତର ପିତାକୁ ଯଦି କେହି ଭୋକିଲା ପୁଅ ରୋଟି ମାଗିଲେ କି ସେ ତାହାକୁ ପଥର ଦେବେ? ନୁହେଁ, ସେମାନେ ଉତ୍ତମ ଜିନିଷ ଦିଅନ୍ତି । ଈଶ୍ୱର ମଧ୍ୟ ଉତ୍ତମ ଜିନିଷ ଦାନକରନ୍ତି ଯେଉଁମାନେ ତାଙ୍କୁ ମାଗନ୍ତି ।

13

ଯୀଶୁ, ଏକ ମହାନ ଶିକ୍ଷକ, ସେ ଭଣ୍ଡ ଶିକ୍ଷକମାନଙ୍କ ବିଷୟରେ ଅବଗତ କରାଇଲେ । ଯୀଶୁ କହିଲେ, ସେମାନେ ମେଣ୍ଢାପରି ବେଶ କରନ୍ତି । କିନ୍ତୁ ଅନ୍ତରରେ ସେମାନେ ହିଂସ୍ରକ ବାଘ । ଭଣ୍ଡ ଶିକ୍ଷକମାନଙ୍କୁ ସେମାନଙ୍କ ଜୀବନ ଯାପନ ଶୈଳିରୁ ସେମାନେ ଚ଼ିହ୍ନାଯିବେ ।



14

କାହାଣିରେ ସେ କହିଲେ, ଯୀଶୁ ଦେଖାଇଲେ କି ଯେଉଁମାନେ ଈଶ୍ୱରଙ୍କ ବାକ୍ୟ ପାଳନ କରନ୍ତି, ସେମାନେ ଏକ ମନୁଷ୍ୟ ପଥର ଉପରେ ଘର ଗଢ଼ିବା ଲୋକ ପରି ।



15

ଭୟଙ୍କର ଝଡ଼ ତୋଫାନ ହେଲା । ଯେତେବେଳେ ତୋଫାନ ଶେଷହେଲା, ଘରଟି ଶକ୍ତ ହୋଇ ଛିଡ଼ା ହୋଇଥିଲା ।



16

କିନ୍ତୁ ମୂର୍ଖଲୋକ ନିଜର ଘର ବାଲୁକାମୟ ସ୍ଥାନରେ ଗଢ଼ିଲେ । ଯେତେବେଳେ ଝଡ଼ ହେଲା ବତାଶ ବୋହିଲା ଓ ସେହି ଘରକୁ ଧକ୍କା ମାରିଲା ଓ ତାହା ପଡ଼ିଗଲା କାରଣ ତାହାର ମୂଳଦୁଆ ଦୁର୍ବଳ ଥିଲା । ଯୀଶୁ କହିଲେ ଯେଉଁମାନେ ଈଶ୍ୱରଙ୍କ ବାଖ୍ୟ ଶୁଣି ପାଳନ କରନ୍ତି ନାହିଁ ସେମାନେ ଏହି ପ୍ରକାର ଲୋକ ଅଟନ୍ତି ।



17

ଲୋକସମୂହ ଯୀଶୁଙ୍କ କଥାରେ ଆଷ୍ଚର୍ଯ୍ୟାନ୍ୱିତ ହେଲେ । ସେମାନେ ଏପରି ବାକ୍ୟ ଆଗରୁ କେବେହେଁ ଶୁଣି ନଥିଲେ, ବର୍ତ୍ତମାନ୍ ସେମାନେ ଜାଣିଲେ ଯେ ଈଶ୍ୱରଙ୍କ ବାକ୍ୟ ଶୁଣିବା କେବେହେଁ ଯଥେଷ୍ଟ ନୁହେଁ । ସେମାନଙ୍କୁ ସେହି ବାକ୍ୟକୁ ପ୍ରତ୍ୟକ ଦିନ ପାଳନ କରିବା ଆବଶ୍ୟକ ।



18

ଯୀଶୁ ଏକ ମହାନ ଶିକ୍ଷକ

**ବାଇବଲ, ପରମେଶ୍ୱରଙ୍କ ବାକ୍ୟରୁ ଏକ କହାଣୀ**

**ରୁ ଅନୁସନ୍ଧାନ କରାଯାଇଅଛି**

ମାଥିଉ ୫-୭, ଲୂକ ୬

**"ତୁମ୍ଭ ପ୍ରଦେଶର ଶବ୍ଦ ଆଲୋକ ପ୍ରଦାନ କରିବ ।"**
**ଗୀତସଂହିତା ୧୧୯ : ୧୩୦**

ଆମ୍ଭେମାନେ ମନ୍ଦକାର୍ଯ କରିଅଛୁ ତାହା ଇଶ୍ୱର ଜାଣନ୍ତି, ଆଉ ତାହାକୁ ଇଶ୍ୱର କହନ୍ତି ପାପ । ଆଉ ପାପର ବେତନ ହେଉଛି ମୃତ୍ୟୁ ।

ଇଶ୍ୱର ଆମ୍ଭମାନଙ୍କୁ ଏଡ଼େ ପ୍ରେମକଲେ ଯେ, ଆପଣା ଅଦ୍ୱିତୀୟ ପୁତ୍ର ଯୀଶୁଙ୍କୁ ଆମ୍ଭମାନଙ୍କର ପାପ ସକାଶୁ କ୍ରୁଶ ଉପରେ ମୃତ୍ୟୁବରଣ କରିବାକୁ ପଠାଇଲେ । ଯୀଶୁ ପୁନର୍ବାର ଜୀବନ କୁ ଫେରିଲେ, ଆଉ ସେ ସ୍ୱର୍ଗ ଆରୋହନ କଲେ ବର୍ତ୍ତମାନ୍ ଅନନ୍ତର ପରମେଶ୍ୱର ଆମ୍ଭମାନଙ୍କର ପାପକ୍ଷମା କରି ପାରିବେ ।

ଯଦି ତୁମ୍ଭେ ତୁମ୍ଭ ପାପରୁ ଫେରିବାକୁ ଚାହଁ, ତେବେ ଏହା ଇଶ୍ୱରଙ୍କୁ କୁହନ୍ତୁ: ପ୍ରିୟର ଇଶ୍ୱର ମୁ ବିଶ୍ୱାସ କରେ ଯୀଶୁଖ୍ରୀଷ୍ଟ ମୋ ନିମନ୍ତେ ମୃତ୍ୟୁଭୋଗ କଲେ, ବର୍ତ୍ତମାନ ସେ ଜୀବିତ ଅଟନ୍ତି । ଦୟାକରି ମୋର ପାପସବୁ କ୍ଷମା କର ଏବଂ ମୋ ଜୀବନକୁ ଆସ, ତଦ୍ୱାରା ବର୍ତ୍ତମାନ୍ ଠାରୁ ମୁଁ ଏକ ନୂତନ ଜୀବନ ପ୍ରାପ୍ତ ହୋଇ ତୁମ୍ଭଠାରେ ଚିରକାଳ ସ୍ଥାୟୀ ହେବି । ତୁମ୍ଭର ସନ୍ତାନ ହୋଇ ତୁମ୍ଭଠାରେ ବାସକରିବା ପାଇଁ ମୋତେ ସାହାଯ୍ୟ କରନ୍ତୁ । ଆମେନ୍ (ଯୋହନ ୩:୧୬)

ବାଇବଲ୍ ଅଧ୍ୟୟନ କରନ୍ତୁ ଆଉ ପ୍ରତ୍ୟେକ ଦିନ ଇଶ୍ୱରଙ୍କ ସହିତ କଥୋପକଥନ ହୁଅନ୍ତୁ ।